# ଅବ୍ୟବସ୍ଥା ହିଁ ବ୍ୟବସ୍ଥା

୧୯/୦୩/୧୯୮୯

ମାର୍ଚ୍ଚ ୧୭ ତାରିଖ ଓଡ଼ିଶାର ଜାତୀୟ ଜୀବନ ଇତିହାସରେ ଏକ କଳଙ୍କିତ ଦିନ ହୋଇ ରହିବ ଏବଂ ସବୁଦିନ ପାଇଁ ଆମେ ଆମ ଉତ୍ତର ପୁରୁଷଙ୍କ ନିକଟରେ ଲଜ୍ଜିତ ହୋଇ ରହିବୁ । କିଛି ସପ୍ତାହ ତଳେ ରେଭେନ୍ସା କଲେଜ ଆମ ଜାତିର ଅମାନତ ଓ ଗୌରବ ବୋଲି ଅନୁଭବ କରି ଅଧ୍ୟକ୍ଷଙ୍କ ବାସଗୃହରେ ଯେଉଁ କାଣ୍ଡ ଘଟିଗଲା ତା'ର ନିନ୍ଦା କରିଥିଲୁ ଏବଂ ରେଭେନ୍ସା କଲେଜର ଐତିହ୍ୟ ସ୍ମରଣ କରି ଏଥିପାଇଁ ସାଧାରଣରେ ଅଭିମାନ ପ୍ରକଟ କରିଥିଲୁ । ଆଜି ପୁଣି କଲେଜ ଅଧ୍ୟକ୍ଷଙ୍କ ଅଫିସ ଗୃହରେ ଅଗ୍ନିକାଣ୍ଡ ଘଟିଥିବା କଥାଟିକୁ ଏବଂ ଘଟେଇଥିବା ଲୋକମାନଙ୍କୁ କିପରି ଏବଂ କେଉଁ ଭାଷାରେ ବର୍ଣ୍ଣନା କରିବୁ ତାହା ଚିନ୍ତା ମଧ୍ୟ କରିହେଉ ନାହିଁ । ଆଉଥରେ ଅଭିମାନ କରିବା ପାଇଁ ଆମର ମାନ ଅଛି ବୋଲି ମଧ୍ୟ କହିହେବ ନାହିଁ । କୋଡ଼ିଏ ହଜାର ପରୀକ୍ଷାଖାତା ତ ଜଳିଗଲା ନାହିଁ ବରଂ କୋଡ଼ିଏ ହଜାର ଛାତ୍ରଛାତ୍ରୀଙ୍କର ଭାଗ୍ୟପ୍ରଦୀପ ବିନା କାରଣରେ ଲିଭିଗଲା । ଅଧ୍ୟକ୍ଷଙ୍କର ଶହେବର୍ଷର ପୁରୁଣା ଟେବୁଲଟି ଭାଙ୍ଗିଗଲା ତ ପୂର୍ବତନ ଅଧ୍ୟକ୍ଷମାନଙ୍କ ଅନେକ ଦୁର୍ଲଭ ତୈଳଚିତ୍ର ଜଳିଗଲା, ସତେ ଯେପରି ଆମକୁ ଇଙ୍ଗିତ କରି ସୂଚନା ଦେବାପାଇଁ ଯେ ଆଉ ସେମାନଙ୍କ କାଛରେ ଝୁଲୁଥିବା କଥା ଦେଖିବା ନାହିଁ କି ଐତିହ୍ୟ କଥା ମନେ ପକାଇବା ନାହିଁ ।

ପୋଡ଼ାଜଳା କାଣ୍ଡ ପରେ ନଷ୍ଟ ହୋଇଯାଇଥିବା ଦୁଆର, ଝରକା, ଆଲମାରୀ ଓ ବାକ୍ସସବୁର ହୁଏତ ପୁଣି ମରାମତି ହେବ । ଅନେକ କ୍ଷେତ୍ରରେ ଏପ୍ରକାର ମରାମତି ହୁଏତ ବହୁ ଦିନରୁ ଜରୁରୀ ହୋଇପଡ଼ିଥିଲା । ଆଉଥରେ ହୁଏତ ଜଳିଯାଇଥିବା ପରୀକ୍ଷାଖାତା ଗୁଡ଼ିକ ବିଷୟରେ ପରୀକ୍ଷା କରାଯାଇପାରେ । କାରଣ ଅତୀତରେ ଏପରି ବାରମ୍ବାର ଘଟିଛି । କିନ୍ତୁ, ରେଭେନ୍ସା କଲେଜ ଏବଂ ଆମ ବ୍ୟବସ୍ଥାରେ ଏହି ଯେଉଁ କଳଙ୍କ ଲାଗିଲା ତାକୁ ଲିଭେଇବା ନିଶ୍ଚିତ ଭାବେ କଷ୍ଟକର ହେବ । ଆଜିର ଏ ଅସହାୟ ଅବସ୍ଥା ପାଇଁ ଦାୟୀ କିଏ ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି । କିନ୍ତୁ କେହି ଯା'ର ଉତ୍ତର ଖୋଜି ପାଇବା ପାଇଁ ପ୍ରସ୍ତୁତ ଅଛନ୍ତି ବୋଲି ମନେ ହେଉନାହିଁ ।

## ଆମ ଘରର ହାଲଚାଲ୍

ସୌମ୍ୟରଂଜନ ପଟ୍ଟନାୟକ

କେହିକେହି ଉତ୍ତର ଖୋଜି ପାଇଲେ ମଧ୍ୟ ଜାଣି ନ ଜାଣିଲା ପରି ଚୁପ୍ ରହିବା ଉଚିତ ମନେ କରୁଛନ୍ତି । ଅବଶ୍ୟ ବହୁ ବିଶିଷ୍ଟ ବ୍ୟକ୍ତି ଔପଚାରିକ ଭାବେ ଏ ଘଟଣାଟିର ନିନ୍ଦା କରିଛନ୍ତି । ଏହା ଏକପ୍ରକାର ଦେହସୁହା ହୋଇଗଲାଣି କହିଲେ ଚଳେ । ବିଶିଷ୍ଟ ବ୍ୟକ୍ତିଙ୍କ ତିରୋଧାନ ପରେ ଔପଚାରିକ ଶୋକ ବାର୍ତ୍ତା ପରି ଆମ ସମାଜରେ ଘଟି ଯାଉଥିବା ଅସ୍ୱସ୍ତିକର ଓ ଅପ୍ରୀତିକର ଘଟଣା ଗୁଡ଼ିକୁ ନିନ୍ଦା କରିବାକୁ ଯାଇ ଅସାମାଜିକ ତତ୍ତ୍ୱ ଓ ଦୁର୍ବୃତ୍ତ ମାନଙ୍କ ନାଁରେ ସବୁ ଚଳେଇ ନିଆଯାଉଛି । କିନ୍ତୁ ଏ ପ୍ରକାର ଅସାମାଜିକ ତତ୍ତ୍ୱ ଓ ଦୁର୍ବୃତ୍ତମାନେ ଯେ ଆଜି ଅଧିକ ପ୍ରଭାବଶାଳୀ ଓ ସଂଖ୍ୟାଧିକ, ସେ ବିଷୟରେ ଆମେ ଆଦୌ ସଚେତନ ଥିଲା ପରି ମନେ ହେଉ ନାହିଁ । ତା' ନ ହୋଇଥିଲେ ରେଭେନ୍ସା କଲେଜରେ ଏପରି ଅଗ୍ନିକାଣ୍ଡ ଘଟୁଥିବାବେଳେ ଖୋଦ୍ ରାଜଧାନୀରେ ଆମ ଗଣତାନ୍ତ୍ରିକ ବ୍ୟବସ୍ଥାର କାରପଟଦାରମାନେ ଭାଇଭଗାରୀ ଭଳି ଲାଗିଲାପରି ଜମିବଣ୍ଟାବଣ୍ଟିକୁ ନେଇ ଏପରି ଆଚରଣ ବିଧାନସଭାରେ ପ୍ରଦର୍ଶନ କରୁ ନଥାନ୍ତେ ।

ଅତୀତରେ ବିଧାନସଭାରେ ଅଶୋଭନୀୟ ଆଚରଣ ପ୍ରଦର୍ଶନ କଥା ଏହି ସ୍ତମ୍ଭରେ ଉଲ୍ଲେଖ କରି ଅଭିମାନ କରିଥିଲୁ । ଆଜି ପୁଣିଥରେ ସେପରି କରିବା ପାଇଁ ସାହସ ମଧ୍ୟ ହେଉନାହିଁ । ମନେହେଉଛି ସତେ ଯେପରି ଆମେ ବ୍ୟବସ୍ଥା ବୋଲି ଯାହାକୁ ଭାବୁଛୁ ତାହା ପ୍ରକୃତରେ ଆଜିର ବ୍ୟବସ୍ଥା ନୁହେଁ । ଅବ୍ୟବସ୍ଥା ହିଁ ବ୍ୟବସ୍ଥା । ଆମେ ଯେଉଁମାନେ ଆମ ଆଦର୍ଶର ବ୍ୟବସ୍ଥା କଥା ଚିନ୍ତା କରୁଛୁ ବା ଆଶା କରୁଛୁ, କପାଳ ଆଦରି ଏ ଅବ୍ୟବସ୍ଥାକୁ ବରିନେବାକୁ ହେବ ଅଥବା ଆମ ବ୍ୟବସ୍ଥାର ନିର୍ଣ୍ଣାୟକ ତତ୍ତ୍ୱ କ'ଣ ସେ ବିଷୟରେ ନିର୍ଦ୍ଦିଷ୍ଟ ଭାବେ ଘୋଷଣା କରି ଏହାକୁ ପ୍ରଭାବଶାଳୀ ତତ୍ତ୍ୱ କରିବା ପାଇଁ ସଂଗଠିତ ହେବାକୁ ହେବ । ଖୋଲାଖୋଲି ମୁକାବିଲା ପାଇଁ ପଦାକୁ ଆସିବାକୁ ପଡ଼ିବ । ଆଜିର ସାମ୍ପ୍ରତିକ ପରିସ୍ଥିତିରେ ଆଉକିଛି ତୃତୀୟ ବିକଳ୍ପ ଅଛି ବୋଲି ବିଶ୍ୱାସ ହେଉନାହିଁ ।